



ଢେଙ୍କାନାଳ 'ସନ୍ଧ୍ୟାତାରା ସାହିତ୍ୟ ସଂସଦ' ଅନୁଷ୍ଠାନ ପକ୍ଷରୁ ମଙ୍ଗଳବାର ଅନୁଷ୍ଠିତ ୪୦ତମ ବୋଇତ ବନ୍ଦାଣ ଉତ୍ସବ ଉପଲକ୍ଷେ ଆୟୋଜିତ ସାଧବବୋହୂ ଓ ସାଧବପୁଅ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀମାନେ।



ଢେଙ୍କାନାଳ ସହରସ୍ଥିତ ଭାଗୀରଥି ସାଗର ନୂଆ ପୋଖରୀରେ ଜଣେ ମହିଳା ଭୋର୍ ସମୟରେ ବୋଇତ ଭସାଉଛନ୍ତି।

# ସାଉଁଟିଲେ ଗୌରବମୟ ଅତୀତର ସ୍ମୃତି

## ସନ୍ଧ୍ୟାତାରା ସାହିତ୍ୟ ସଂସଦର ୪୦ତମ ବୋଇତ ବନ୍ଦାଣ ଉତ୍ସବ

ଢେଙ୍କାନାଳ ଅଫିସ, ୮।୧୧

ଢେଙ୍କାନାଳ 'ସନ୍ଧ୍ୟାତାରା ସାହିତ୍ୟ ସଂସଦ' ପକ୍ଷରୁ ୪୦ତମ ବୋଇତ ବନ୍ଦାଣ ଉତ୍ସବ ଭାଗୀରଥି ସାଗର ନୂଆପୋଖରୀଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାର ଅବିକଳ ନମୁନା ପ୍ରଦର୍ଶିତ ହୋଇଥିବାବେଳେ ଗୌରବମୟ ଅତୀତର ସ୍ମୃତି ସାଉଁଟିଥିଲେ ଅନୁଷ୍ଠାନର କର୍ମକର୍ତ୍ତା ଏବଂ ସହରବାସୀ।

ବୋଇତ ବନ୍ଦାଣ ଉପଲକ୍ଷେ ପ୍ରାତଃ ୩ଟାରୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସାଧବପୁଅ, ସାଧବ ବୋହୂ ବେଶ ସମ୍ମିଳନୀରେ କୁନିକୁନି ପିଲାମାନେ ଅଂଶଗ୍ରହଣ କରିଥିଲେ। ସବୁଠାରୁ ଆକର୍ଷଣୀୟ ଥିଲା ସାଧବ ବୋହୂମାନେ ଘଟପୂଜା କରି ସାଧବ ପୁଅଙ୍କୁ ନୌବାଣିଜ୍ୟ ପାଇଁ ବିଦାୟ ଦେବା ଦୃଶ୍ୟ। ସାଧବ ବୋହୂ ପ୍ରତିଯୋଗିତାରେ ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲର ସମ୍ରିଦ୍ଧି ପାତ୍ର, ଶ୍ରେୟାଂଶୀ ଧଳ, ମଣ୍ଟଫୋର୍ଟ ସ୍କୁଲର ଦେବ୍ୟାଂଶୀ ଖୁଣ୍ଟିଆ ଏବଂ ସାଧବ ପୁଅ ପ୍ରତିଯୋଗିତାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପି. ପ୍ରଜେଶ ପିନାକୀ ପ୍ରୀତିବର୍ଦ୍ଧନ, ଜାଭିୟର ମଣ୍ଟେସରୀ ସ୍କୁଲର ରୋହାନ୍ସ ମିଶ୍ର, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶାଶ୍ୱତ ପ୍ରୀତିପ୍ରଜ୍ଞା ମହାପାତ୍ର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ହାସଲ କରିଥିଲେ।

ମୁଖ୍ୟ ଅତିଥି ଭାବେ ଏମ୍‌ପି ମହେଶ ସାହୁ ଯୋଗଦେଇ କହିଲେ, ପାରାଦୀପ ପରେ ଢେଙ୍କାନାଳର ସନ୍ଧ୍ୟାତାରା ସାହିତ୍ୟ ସଂସଦ ପକ୍ଷରୁ ୪୦ବର୍ଷ ଧରି ପାଳନ କରାଯାଉଥିବା ବୋଇତ ବନ୍ଦାଣ ଉତ୍ସବର ସ୍ୱତନ୍ତ୍ରତା ରହିଛି। ଏହି ଗୌରବମୟ ଅଧ୍ୟାୟ ଆହୁରି ଆଗକୁ ବଢୁ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ସମ୍ମାନିତ ଅତିଥିଭାବେ ଯୋଗଦେଇ ପୌରାଧକ୍ଷା ଜୟନ୍ତୀ ପାତ୍ର କହିଲେ, ଏଭଳି ଉତ୍ସବ ପ୍ରତିବର୍ଷ ଆୟୋଜିତ ହେବା ଉଚିତ। ପ୍ରାଚୀନ ପରମ୍ପରା ବିଷୟରେ ଭବିଷ୍ୟତ ପିଢିଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଏହା ଜରୁରୀ ବୋଲି ପୌରାଧକ୍ଷା କହିଥିଲେ। ଉପସଭାପତି ନିରଦାନନ୍ଦ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବକୁ ସାଧାରଣ ସମ୍ପାଦକ ଶରତ ମିଶ୍ର ପରିଚାଳନା କରିଥିଲେ। ବିଭୂତି ଭୂଷଣ ବେହେରା, ସୁଜିତ ମୁଦୁଲି, ଭ୍ରମରବର ହୋତା, ମନମୋହନ ତ୍ରିପାଠୀ, କଳ୍ପତରୁ ତ୍ରିପାଠୀ, ଭବାନୀକାନ୍ତ ନନ୍ଦ, ଭରତ ହାତୀ, ମାତୃ ପ୍ରସାଦ ନନ୍ଦ, ସୁଧାକର ଭାଞ୍ଚ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ବହୁ ସଂଖ୍ୟାରେ ସହରବାସୀ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।

# କବାଡ଼ିଆ କିଣୁଛନ୍ତି ଚୋରି ସାମଗ୍ରୀ

## ଧରାପଡ଼ିଲା ର୍ୟାକେଟ୍, ୬ ଅଭିଯୁକ୍ତ ଗିରଫ

କାମାକ୍ଷାନଗର, ୮।୧୧(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ଅଞ୍ଚଳରେ ଛତୁ ଫୁଟିଲା ଭଳି ମୁଣ୍ଡ ଟେକୁଛି କବାଡ଼ିଆ ଦୋକାନ। ପୁରୁଣା ଲୁହା, ପିତଳ, ତମ୍ବା, ଆଲୁମିନିୟମ ଭଳି ସାମଗ୍ରୀ ସବୁ କିଣାବିକା ହେଉଛି ଏଠାରେ। ତେବେ ମୁନାଫାଖୋର ବ୍ୟବସାୟୀମାନେ ଏହାର ସୁଯୋଗରେ ଚଳାଇଛନ୍ତି ଚୋରି ସାମଗ୍ରୀର ର୍ୟାକେଟ୍। ଅଭିଯୁକ୍ତମାନେ ବିଭିନ୍ନ ସ୍ଥାନରୁ ପୁରୁଣା ଲୁହା, ଯନ୍ତ୍ରାଂଶ ଚୋରିକରି ଏଠାରେ ବିକ୍ରିକରୁଥିବା ବେଳେ ଏହାକୁ କାଟି କବାଡ଼ିଆମାନେ ବାହାରକୁ ଚାଲାଣ କରୁଛନ୍ତି। ଏଭଳି ଏକ ଗ୍ୟାଙ୍ଗର ୬ଜଣଙ୍କୁ ଗିରଫ କରିଛି ପୋଲିସ।

କାମାକ୍ଷାନଗର ଅଞ୍ଚଳରେ ଲୁହା ସ୍କ୍ରାପ୍, ଟୁଲ୍‌ପମ୍ପ ଭଳି ସାମଗ୍ରୀ ଚୋରି ବଢ଼ିବାରେ ଲାଗିଛି। ବିଭିନ୍ନ ଠିକାସଂସ୍ଥାର ଲୁହା ସରଞ୍ଜାମ ଏପରି କି ଯାନବାହନ ମଧ୍ୟ ଉଠାଇ ନେଉଛନ୍ତି ଦୁର୍ବୃତ୍ତ। ସେମାନେ ସ୍ଥାନୀୟ ଅଞ୍ଚଳର କବାଡ଼ିଆ ଦୋକାନରେ ସେସବୁ ବିକ୍ରି କରୁଛନ୍ତି। ଏଭଳି ଏକ ର୍ୟାକେଟ୍ ଧରାପଡ଼ିଛି। ଗତ ରବିବାର ରାତିରେ କେତେଜଣ ଅଭିଯୁକ୍ତ ବାଉଁଶପାଳ ଅଞ୍ଚଳରେ ଥିବା କ୍ଷୁଦ୍ର ଜଳସେଚନ ପ୍ରକଳ୍ପରୁ ଲୁହା କବାଟ, ଗେଟ୍ ଆଦି ପ୍ରାୟ ୧ ଲକ୍ଷ ଟଙ୍କାର ଲୁହା ସାମଗ୍ରୀ ଚୋରି କରି ନେଇଯାଇଥିଲେ। ଗ୍ରାମବାସୀଙ୍କଠାରୁ ସୂଚନା ପାଇ ଯନ୍ତ୍ରୀ ଦିଲୀପ କୁମାର ଦାସ କାମାକ୍ଷାନଗର ଥାନାର ଅଭିଯୋଗ କରିଥିବାବେଳେ ପୋଲିସ ନଂ. ୪୨୩/୨୨, ଦଫା ୩୭୯/୩୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଚୋରିରେ ସମ୍ପୃକ୍ତି ଅଭିଯୋଗରେ ୬ଜଣ ବନ୍ଧା ହୋଇଛନ୍ତି। ସେମାନେ ହେଲେ ଅନୁଗୋଳ ଥାନା ତୁରଙ୍ଗ ଗ୍ରାମର ସମରେନ୍ଦ୍ର ଦାଶ (୧୯), ହାତୀଶାଳପଡ଼ା ଗ୍ରାମର ମହମ୍ମଦ ନିସାର ଅନସାରୀ (୩୦), ପରଜଙ୍ଗ ଥାନା ଭେଜିଆ ଗ୍ରାମର କୁଞ୍ଜ ବିହାରୀ ନାଏକ (୨୯), ବସୁଲେଇ ଗ୍ରାମର ଅମୂଲ୍ୟ ନାଏକ (୩୧), ଗେଙ୍ଗୁଟିଆ ଗ୍ରାମର ଅମିତ ନାଏକ (୧୯), କାମାକ୍ଷାନଗର ଥାନା ଗୋପୀଗାଡିଆ ଗ୍ରାମର ଶରଣ ନାଏକ (୨୧)। ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟପଟେ ପୋଲିସ ନିଷ୍କ୍ରିୟତା ଲାଗି କବାଡ଼ିଆ ଦୋକାନୀମାନେ ଏଭଳି ବେଆଇନ କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

ଏ ସମ୍ପର୍କରେ ଏସ୍‌ଡିପିଓ ରଞ୍ଜନ କୁମାର ଦେ କୁହନ୍ତି, କବାଡ଼ିଆ ଦୋକାନୀଙ୍କୁ ସତର୍କ କରାଯାଇଛି। ଯଦି କେହି ଚୋରା ସାମଗ୍ରୀ ରଖିଥିବା ପ୍ରମାଣ ମିଳେ, ତେବେ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସମସ୍ତ ଥାନାଧିକାରୀଙ୍କୁ ଏଥିଲାଗି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।






ଢେଙ୍କାନାଳ ବିଜ୍ଞାନ କେନ୍ଦ୍ର ପରିସରରେ ମଙ୍ଗଳବାର ସନ୍ଧ୍ୟାରେ ଚନ୍ଦ୍ରଗ୍ରହଣ ଦେଖିବା ଲାଗି ଭିଡ଼ ଜମିଛି (ବାମ)। ଢେଙ୍କାନାଳ ଆକାଶରେ ଚନ୍ଦ୍ରଗ୍ରହଣ ବେଳର ଦୃଶ୍ୟ।

# ଗଡ଼ପଲାଶୁଣୀ ଉତ୍ସବମୁଖର

## ୧୧ ଦିନାତ୍ମକ କାର୍ତ୍ତିକେଶ୍ୱର ପୂଜା ଆରମ୍ଭ

## ମନ୍ତ୍ର ଉଚ୍ଚାରଣରେ କମ୍ପୁଛି ଗ୍ରାମ୍ୟ ପରିବେଶ

କାମାକ୍ଷାନଗର, ୮।୧୧(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ଗଡ଼ପଲାଶୁଣୀ ଗ୍ରାମରେ ଆନନ୍ଦ ଉଲ୍ଲାସର ସହ ଆରମ୍ଭ ହୋଇଛି ମହାପ୍ରଭୁ ଶ୍ରୀ କାର୍ତ୍ତିକେଶ୍ୱରଙ୍କ ପୂଜା। ଚଳିତବର୍ଷ ମୋଟ ୯ଟି ସ୍ଥାନରେ ମେଢ଼ ଅନୁଷ୍ଠିତ ହେଉଛି। ଆକର୍ଷଣୀୟ ମୃଣ୍ମୟୀ ପ୍ରତିମା, ସାଜସଜ୍ଜା, ଆଲୋକମାଳା ରୋଶଣି ଗାଁରେ ସହରର ଭ୍ରମ ସୃଷ୍ଟି କରୁଥିବାବେଳେ ୧୧ ଦିନାତ୍ମକ ପୂଜା ପାଇଁ ମୁଖରିତ ହୋଇଉଠିଛି ସମଗ୍ର ପରିବେଶ।

ଜିଲାରେ ପ୍ରସିଦ୍ଧି ଅର୍ଜନ କରିଛି ଗଡ଼ପଲାଶୁଣୀର କାର୍ତ୍ତିକେଶ୍ୱର ପୂଜା। କରୋନା କଟକଣା ପାଇଁ ଦୁଇବର୍ଷ ହେଲା ଏହି ଗଣମହୋତ୍ସବ ଫିକା ପଡ଼ିଥିବାବେଳେ ଚଳିତବର୍ଷ ଆଡ଼ମ୍ବର ସହକାରେ ପୂଜାର ଆୟୋଜନ କରାଯାଉଛି। ସୋମବାରଠାରୁ ଠାକୁରଙ୍କ ଆବାହନ ଆରମ୍ଭ ହୋଇଛି। ବିଶ୍ୱାଳ ସାହି, ସେଣ୍ଟ୍ରାଲ ମାର୍କେଟ, ଷ୍ଟାର କ୍ଲବ, ଏନ୍‌ଜଏ କ୍ଲବ, ଶିବଶକ୍ତି କ୍ଲବ, ମଙ୍ଗଳା କୋଠି, ରାଧାକୃଷ୍ଣ ଛକ, ବେହେରା ସାହି, ମା'ପୁଅ ସାହିରେ ଜାକ୍‌ଜମକରେ ପୂଜା ଚାଲିଛି। ମଣ୍ଡପରେ ରାତି ୧୦ଟା ଯାଏ ଅସମ୍ଭାଳ ଭିଡ଼ ଜମୁଛି। ବିଶେଷ କରି ମହିଳାଙ୍କ ମଧ୍ୟରେ ଠାକୁରଙ୍କୁ ଦର୍ଶନ କରିବା ଲାଗି ପ୍ରବଳ ଉତ୍ସାହ ପରିଲକ୍ଷିତ ହେଉଛି। ମନୋରଞ୍ଜନ ପାଇଁ ମିନାବଜାର, ଯାତ୍ରା ପାର୍ଟି ପଡ଼ିଛି। ପୂଜା ମଣ୍ଡପରେ ସନ୍ଧ୍ୟା ୭ଟାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେଉଛି।

ଠାକୁର ଦର୍ଶନ କରିବାକୁ ଜିଲାର କୋଣ ଅନୁକୋଣରୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ଗ୍ରାମବାସୀ, ଯୁବକ ସଂଘ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଉଥିବାବେଳେ ପୋଲିସ ମଧ୍ୟ ମୁତୟନ ହୋଇଛନ୍ତି।

### ୪୭ ବର୍ଷ ହେଲା ଭାଇଚାରା ବାଣ୍ଟୁଛି

ଗଡ଼ପଲାଶୁଣୀ ଗ୍ରାମରେ ଦୀର୍ଘ ୪୭ବର୍ଷ ଧରି ଆୟୋଜିତ ହୋଇଆସୁଥିବା କାର୍ତ୍ତିକେଶ୍ୱର ପୂଜା ଶାନ୍ତି, ସଂହତିର ବାର୍ତ୍ତା ବାଣ୍ଟୁଛି। ଅଞ୍ଚଳବାସୀଙ୍କୁ ଭାଇଚାରାରେ ବାନ୍ଧି ରଖିବାରେ ଏହା ସହାୟକ ହୋଇପାରିଛି। ସମସ୍ତ କାର୍ଯ୍ୟକ୍ରମ ଯେପରି ଶାନ୍ତିଶୃଙ୍ଖଳାର ସହ ହେବ ସେଥିଲାଗି ଅଞ୍ଚଳବାସୀ, ପୂଜା ମଣ୍ଡପର କାର୍ଯ୍ୟକର୍ତ୍ତା ଜୋର୍ ଦେଉଛନ୍ତି। ୧୭ ତାରିଖ ରାତିରେ ଆକର୍ଷଣୀୟ ଶୋଭାଯାତ୍ରାରେ ଠାକୁରଙ୍କୁ ମେଲାଣି ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି।









ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ଗଡ଼ପଲାଶୁଣୀ ଗ୍ରାମର ବିଭିନ୍ନ ମଣ୍ଡପରେ ପୂଜା ପାଉଥିବା ପ୍ରଭୁ ଶ୍ରୀକାର୍ତ୍ତିକେଶ୍ୱରଙ୍କ ମେଢ଼।

## ଆକ୍ରମଣରେ ଯୁବକ ଗୁରୁତର

ଛେଣ୍ଡିପଦା, (ସ୍ୱ.ପ୍ର)-ଛେଣ୍ଡିପଦା ଥାନା ନିକଟରେ ମଙ୍ଗଳବାର ଟାଙ୍ଗିଆ ଚୋଟରେ ମହେନ୍ଦ୍ର ନାଏକ ଗୁରୁତର ହୋଇଛନ୍ତି। ବଅଁରପାଳ ଥାନା ଅଞ୍ଚଳର ମହେନ୍ଦ୍ର ଶ୍ୱଶୁର ଘରେ ରହୁଥିଲେ। ସ୍ତ୍ରୀ ମଞ୍ଜୁ ନାଏକଙ୍କ ସହ ତାଙ୍କର ଝଗଡା ହୋଇଥିଲା। ମଞ୍ଜୁଙ୍କ ଚିତ୍କାର ଶୁଣି ପଡୋଶୀ ତପନ ନାଏକ ପହଞ୍ଚି ମହେନ୍ଦ୍ରଙ୍କୁ ବାରଣ କରିଥିଲେ। ମହେନ୍ଦ୍ର ଗାଳିଗୁଲଜ କରିବାରୁ ଉତ୍‌କ୍ଷିପ୍ତ ହୋଇ ତପନ ଟାଙ୍ଗିଆରେ ମହେନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ। ଅଭିଯୋଗ ପାଇ ପୋଲିସ ତଦନ୍ତ ଚଳାଇଛି।



## ସଂକ୍ଷେପରେ

### ଅସଦାଚରଣ ଅଭିଯୋଗରେ ଡାକ୍ତର ଗିରଫ

ତାଳଚେର, ୮।୧୧ (ନି.ପ୍ର.)- ଚିକିତ୍ସା ପାଇଁ କ୍ଲିନିକ୍‌କୁ ଆସିଥିବା ଜଣେ ନାବାଳିକାଙ୍କୁ ଡାକ୍ତର ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ପୋଲିସ ଅଭିଯୁକ୍ତ ଡାକ୍ତରଙ୍କୁ ଗିରଫ କରିଛି। ଅନୁଗୋଳ ଜିଲା ତାଳଚେର ଥାନା ଅଞ୍ଚଳରେ ଘଟିଥିବା ଏହି ଘଟଣା ମଙ୍ଗଳବାର ଚର୍ଚ୍ଚାର ବିଷୟ ହୋଇଛି। ପୋଲିସ କହିଛି, ସୋମବାର ସମ୍ପୃକ୍ତା ନାବାଳିକାଙ୍କ ଦେହ ଖରାପ ଥିଲା। ପୂର୍ବାହ୍ନ ପ୍ରାୟ ୧୧ଟାରେ ଝିଅଙ୍କୁ ଧରି ତାଙ୍କ ମା' ଥାନା ଅଞ୍ଚଳର ଏକ ଘରୋଇ କ୍ଲିନିକକୁ ଆସିଥିଲେ। କିନ୍ତୁ ସେଠାରେ ଥିବା ଡାକ୍ତର ପ୍ୟାରୀମୋହନ ପ୍ରଧାନ ଚିକିତ୍ସା କରିବା ପରିବର୍ତ୍ତେ ନାବାଳିକାଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା ସହ ଟଣାଓଟରା କରିଥିଲେ। ନାବାଳିକାଙ୍କ ମା' ଏହା ଜାଣିପାରି ପ୍ରତିବାଦ କରିଥିଲେ। ଏହାକୁ ନେଇ ବଚସା ହେବାରୁ ଉତ୍ୟକ୍ତ ଡାକ୍ତର ନାବାଳିକାଙ୍କ ମା'ଙ୍କୁ ଗାଳିଗୁଲଜ କରିବା ସହ ଚାପୁଡ଼ା ମାରିଥିଲେ। ଘଟଣା ସମ୍ପର୍କରେ ନାବାଳିକାଙ୍କ ମା' ତାଳଚେର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନମ୍ବର ୮୪୧/୨୨ରେ ମାମଲା ରୁଜୁ କରି ଡାକ୍ତର ପ୍ରଧାନଙ୍କୁ ଥାନାକୁ ନେଇ ପଚରାଉଚରା କରିବା ସହ ଅଟକ ରଖିଥିଲା। ସନ୍ଧ୍ୟାରେ ତାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ଶ୍ରୀନିବାସ ସେଠୀ ସୂଚନା ଦେଇଛନ୍ତି। ଅଭିଯୁକ୍ତ ଡାକ୍ତର ମଧ ଏକ ପାଲଟା ଅଭିଯୋଗ କରିଛନ୍ତି। ନାବାଳିକାଙ୍କ ମା' ତାଙ୍କୁ ମାଡ଼ ମାରିବା ସହ ହତ୍ୟା ଧମକ ଦେଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି।

### ବୋଇତ ବନ୍ଦାଣ, ମନ୍ଦିର ପ୍ରତିଷ୍ଠା ଉତ୍ସବ

କଣିହାଁ,୮।୧୧(ଡି.ଏନ.ଏ.)- କଣିହାଁ ବ୍ଲକ ବଡ଼ହୀରା ଗ୍ରାମ ବାଙ୍ଗୁଲି ନାଳ କୂଳରେ ଅବସ୍ଥିତ ସିଦ୍ଧେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା ଉତ୍ସବ ସହ ବୋଇତ ବନ୍ଦାଣ ଉତ୍ସବ ସୋମବାର ପାଳିତ ହୋଇଛି। ମସୁଣୀହତା ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଏହି ଉତ୍ସବ ଦୀର୍ଘ ୨୦ ବର୍ଷ ହେଲା ଅନୁଷ୍ଠିତ ହେଉଛି। ବହୁ ନାମକୀର୍ତ୍ତନ ଦଳ ଯୋଗଦେଇ ଶ୍ରଦ୍ଧାଳୁଙ୍କ ସହ ଗ୍ରାମ ପରିକ୍ରମା କରିଥିଲେ। ଶ୍ରଦ୍ଧାଳୁମାନେ ନାଳରେ ଡଙ୍ଗା ଭସାଇବା ସହ ସାମୂହିକ ପ୍ରସାଦସେବନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସେହିପରି ବଡ଼ଗୁଣ୍ଡୁରୀ ଗ୍ରାମରେ କାର୍ତ୍ତିକେଶ୍ୱର ପୂଜା ପାଳିତ ହୋଇଛି। ନୟାଗଡ଼ ଜିଲା କଣ୍ଟିଲୋ ଅଞ୍ଚଳର ମହିଳା କଳାକାର ଦଳ ରାମଲୀଳା ନାଟକ ପରିବେଷଣ କରିଥିଲେ। ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ରଞ୍ଜନ ସାହୁ, ସରପଞ୍ଚ ସୁଲୋଚନା ଦଳେଇ, ସମିତି ସଭ୍ୟା ଅନୁପମା ସେଠୀ, ସାମାଜିକ କର୍ମୀ ରତ୍ନାକର ସାହୁ, ଗ୍ରାମ ସଭାପତି ମାର୍କଣ୍ଡ ସାହୁ ପ୍ରମୁଖ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

### ମହିଳାଙ୍କୁ ଆକ୍ରମଣ ଅଭିଯୋଗ

ବଇଣ୍ଡା,୮।୧୧(ଡି.ଏନ.ଏ.): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା କୋରାବ ଗ୍ରାମର ବନ୍ଦିନୀ ଖିଲାରଙ୍କୁ ସେହି ଗ୍ରାମର ଚରଣ ସେଠ, ଚଉବନ ସେଠ, ଜେମା ସେଠ ମାଡ଼ ମାରିଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ପୋଲିସ ନଂ. ୨୭୪/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୂର୍ବଶତ୍ରୁତାକୁ କେନ୍ଦ୍ର କରି ବନ୍ଦିନୀଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### କେନ୍ଦୁପତ୍ର ବୋଝେଇ ବୋଲେରୋ ଜବତ

ବଇଣ୍ଡା,୮।୧୧(ଡି.ଏନ.ଏ.): କିଶୋରନଗର ପୋଲିସ ସୋମବାର ରାତିରେ ଧଉରାପାଲି ନିକଟରେ ଚଢ଼ାଉ କରି ଏକ ଚୋରା କେନ୍ଦୁପତ୍ର ବୋଝେଇ ବୋଲେରୋ ଜବତ କରିଛି। ସେଥିରୁ ୫୦ ହଜାର ଟଙ୍କାର କେନ୍ଦୁପତ୍ର ଜବତ କରାଯାଇଛି। ନକଲି ନମ୍ବର ପ୍ଲେଟ୍ ଲଗାଇ ଉକ୍ତ ବୋଲେରୋରେ ଚୋରା କେନ୍ଦୁପତ୍ର ବୋଝେଇ କରି ଧଉରାପାଲି ଅଞ୍ଚଳରୁ କଟକ ଅଭିମୁଖେ ନିଆଯାଉଥିବାବେଳେ କିଶୋରନଗର ପୋଲିସ ଚଢ଼ାଉ କରି ଜବତ କରିଥିଲା। ଅଭିଯୁକ୍ତ ବ୍ୟବସାୟୀମାନେ ଫେରାର ହୋଇଯାଇଥିବା ଜଣାପଡ଼ିଛି।

### ମହିଳାଙ୍କଠାରୁ ଲୁଟ୍

ଅନୁଗୋଳ ଅଫିସ,୮।୧୧

ଅନୁଗୋଳ ସହର କାଞ୍ଚନ ଟକିଜ୍ ଛକ-ବସ୍‌ଷ୍ଟାଣ୍ଡ ରାସ୍ତାରେ ଜଣେ ମହିଳାଙ୍କଠାରୁ ଲୁଟ୍ ହୋଇଛି। ଏ ନେଇ ସେ ଆଠମଲ୍ଲିକ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ କହିଛି, ଆଠମଲ୍ଲିକ ଅଞ୍ଚଳର ରସାନନ୍ଦ ସାହୁଙ୍କ ସ୍ତ୍ରୀ ଗୀତାଞ୍ଜଳି ସୋମବାର ଶିମିଳିପଡାଠାରେ ଜଣେ ଚର୍ମରୋଗ ବିଶେଷଜ୍ଞଙ୍କ ନିକଟକୁ ସ୍ୱାସ୍ଥ୍ୟପରୀକ୍ଷା କରାଇବା ପାଇଁ ଆସିଥିଲେ। ଡାକ୍ତର ଦେଖାଇ ସାରି ଫେରୁଥିବାବେଳେ ୨ ଜଣ ଯୁବକ ତାଙ୍କଠାରୁ ସୁନା ଗହଣା ସହ ଟଙ୍କା ଲୁଟି ନେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

# ଭଜନ ସଙ୍ଗୀତରେ ଝୁମିଲେ ଦର୍ଶକ

## ବଇଣ୍ଡା କାର୍ତ୍ତିକେଶ୍ୱର ପୂଜା

ବଇଣ୍ଡା,୮।୧୧(ଡି.ଏନ.ଏ.)


କଣ୍ଠଶିଳ୍ପୀମାନେ ଭଜନ ପରିବେଷଣ କରୁଛନ୍ତି।

କିଶୋରନଗର ବ୍ଲକ ବଇଣ୍ଡାଠାରେ ଚାଲିଥିବା କାର୍ତ୍ତିକେଶ୍ୱର ପୂଜାର ରବିବାର ତୃତୀୟ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଅର୍ଜୁନ କୁମାର ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ ପାଇଁ ବଇଣ୍ଡା ଉପଖଣ୍ଡ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। ଏହି କଳା ବଞ୍ଚି ରହିଲେ ଆଗାମୀ ଦିନରେ ଗ୍ରାମଗୁଡିକରେ ଭାଇଚାରା ସୃଷ୍ଟି ହେବ ବୋଲି ମୁଖ୍ୟଅତିଥି ମତପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଷ୍ଣୁ ଚରଣ ସାହୁ, କମିଟି ସଭାପତି ଜିତେନ୍ଦ୍ର ବେହେରା, ପ୍ରତାପ ପ୍ରଧାନ ଯୋଗଦେଇଥିଲେ। ଦୀପକ ତିବ୍ରୁୱାଲା, ଗିରିଶ ଚନ୍ଦ୍ର ବେହେରା ପରିଚାଳନା କରିଥିଲେ। ସୁନାମଧନ୍ୟ କଣ୍ଠ ଶିଳ୍ପୀ ଶ୍ରୀଚରଣ ମହାନ୍ତି, ଅର୍ପିତା ରାଣୀ ପତିଙ୍କ ସହ ସାଥୀମାନେ ଯୋଗଦେଇ ଭଜନ ପରିବେଷଣ କରିଥିଲେ। ବିଭିନ୍ନ ଭଜନ ସଙ୍ଗୀତରେ ଦର୍ଶକ ଝୁମିଥିଲେ। ସେହିପରି ସୋମବାର ସକାଳେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ସରପଞ୍ଚ ଦୀପ୍ତିମୟୀ ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ସାଧବ ବୋହୁ, ସାଧବ ପୁଅ ଓ ତଅପୋଇ ବେଶରେ ସୁସଜ୍ଜିତ ହୋଇ ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। ଏହାପରେ ବଇଣ୍ଡା ଚନ୍ଦନ ପୋଖରୀରେ ଡଙ୍ଗା ଭସା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମବାସୀ ସହଯୋଗ କରିଥିଲେ। ସ୍ଥାନୀୟ ବଇଣ୍ଡା ଫାଣ୍ଡି ପୋଲିସ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ। ସେହିପରି ସୋମବାର ଅନୁଷ୍ଠିତ ୪ର୍ଥ ସନ୍ଧ୍ୟାରେ ସମ୍ବଲପୁରୀ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ମୁଖ୍ୟଅତିଥି ଭାବେ ଯୋଗଦେଇ ବଇଣ୍ଡାର ଐତିହ୍ୟ ଓ ପରମ୍ପରା ସୃଷ୍ଟି କରିଥିବା ବଇଣ୍ଡାର କାର୍ତ୍ତିକେଶ୍ୱର ପୂଜା ଆଠମଲ୍ଲିକ ଅଞ୍ଚଳରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି ବୋଲି ମତ ଦେଇଥିଲେ। ଏଥିରେ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

## ମାରପିଟ ଅଭିଯୋଗରେ ୨ ଗିରଫ

ଛେଣ୍ଡିପଦା,୮।୧୧(ସ୍ୱ.ପ୍ର.):

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ପୋଲିସ ମାଡପିଟ ଅଭିଯୋଗରେ ୨ ମହିଳାଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ କହିଛି, ରବିବାର ସନ୍ଧ୍ୟାରେ କୋଶଳା ମେଡିକାଲ ଛକର ଭବାନୀ ବେହେରା (୬୦) କାମସାରି ଘରକୁ ଆସୁଥିଲେ। ଏହି ସମୟରେ ତାଙ୍କ ପୁତୁରା ବୋହୁ ଦମୟନ୍ତୀ ବେହେରା (୪୦) ଭବାନୀଙ୍କ ପୁଅ ପ୍ରଶାନ୍ତଙ୍କୁ ଚାପୁଡ଼ା ମରିଥିଲେ। ଭବାନୀ ପ୍ରତିବାଦ କରିବାରୁ ଦମୟନ୍ତୀ ଏକ ପଥର ସାହାଯ୍ୟରେ ଭାବାନୀଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ଭାବନୀଙ୍କ ମୁଣ୍ଡରେ ଫାଟି ଯାଇଥିବା ସହ ତାଙ୍କ ଆଖି ଏବଂ ଶରୀରରେ ଗଭୀର ଆଘାତ ଲାଗିଥିଲା ବୋଲି ଭବାନୀ ଅଭିଯୋଗରେ ଦର୍ଶାଇଛନ୍ତି। ଅପରପକ୍ଷରେ ଭବାନୀ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଦମୟନ୍ତୀ ପାଲଟା ଅଭିଯୋଗ କରିଛନ୍ତି। ପୋଲିସ ଉଭୟ ଅଭିଯୋଗକୁ ଭିତ୍ତିକରି ନଂ ୫୫୩/୨୨ ଓ ୫୫୪/୨୨ରେ ଦୁଇଟି ମାମଲା ରୁଜୁ କରିବା ସହିତ ଘଟଣାର ତଦନ୍ତ କରି ଭବାନୀ ଏବଂ ଦମୟନ୍ତୀଙ୍କୁ ଗିରଫ କରିଥିବା ପୋଲିସ ପ୍ରକାଶ କରିଛି।

## କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ତାଳଚେର, ୮।୧୧ (ନି.ପ୍ର.)

ତାଳଚେର ଡିଏଭି ପବ୍ଲିକ ସ୍କୁଲ ଜଗନ୍ନାଥ କ୍ଷେତ୍ର ଡେରାଠାରେ ଓଡ଼ିଶା ଜୋନ୍‌ର ଆନ୍ତଃ ଡିଏଭି କ୍ରୀଡ଼ା ପ୍ରତିଯୋଗିତ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଗତ ୫ରୁ ୭ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଯୋଗ ଦେଇଥିଲେ। ଡିଏଭି ଓଡ଼ିଶାର ଆଞ୍ଚଳିକ ନିର୍ଦ୍ଦେଶକ ଡ. କେଶବ ଚନ୍ଦ୍ର ଶତପଥୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଆଞ୍ଚଳିକ ଅଧିକାରୀ ଲୋକନାଥ ପ୍ରଧାନ, ଉପ ଆଞ୍ଚଳିକ ଅଧିକାରୀ ବୃନ୍ଦ, ଏମ୍‌ସିଏଲ୍‌ର ବରିଷ୍ଠ କର୍ମକର୍ତ୍ତାଗଣ ଏବଂ ଓଡ଼ିଶାର ବିଭିନ୍ନ ଡିଏଭିର ଅଧକ୍ଷା, ଅଧକ୍ଷଗଣ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଉପ ଆଞ୍ଚଳିକ ଅଧିକାରୀ ଜୋନ୍-ଘ'ର ସୁରେନ୍ଦ୍ର କୁମାର ଭୋଇ ସ୍ୱାଗତ ଭାଷଣ ଦେଇଥିଲେ। ଖେଳକୁଦ ପ୍ରତିଯୋଗିତାରେ ଡିଏଭି ପବ୍ଲିକ ସ୍କୁଲ କଳିଙ୍ଗ ଏରିଆ ଚାମ୍ପିୟନ ଟ୍ରଫି ହାସଲ କରିଥିବା ବେଳେ ଡିଏଭି ବେଦାନ୍ତ ଇଣ୍ଟରନ୍ୟାଶନାଲ ସ୍କୁଲ ଲାଞ୍ଜିଗଡ଼ ରନର୍ସ ଟ୍ରଫି ପ୍ରାପ୍ତ କରିଥିଲା। ଅଧକ୍ଷା ଶୁକ୍ଳା ଚକ୍ରବର୍ତ୍ତୀ ସମସ୍ତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ଆୟୋଜନ କରିଥିଲେ। କ୍ଲଷ୍ଟର ଇନଚାର୍ଜ ଅସିମ୍ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।

## ଶ୍ରେଣୀ ଗୃହ ଭିତ୍ତିପ୍ରସ୍ତର ସ୍ଥାପନ


ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଅତିଥିମାନେ।

ବଅଁରପାଳ,୮।୧୧(ଡି.ଏନ.ଏ.)

ବଅଁରପାଳସ୍ଥିତ ପିଏସ୍‌ଏସ୍‌ଜେ ଡିଗ୍ରୀ କଲେଜର ନୂତନ ଶ୍ରେଣୀ ଗୃହ ନିମନ୍ତେ ମଙ୍ଗଳବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଜୟ କୁମାର ନାଥ ଯୋଗଦେଇ ଏହାର ଶୁଭ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଜେଡି ଯୁବ ନେତା ଅରୁଣାଭ ସିଂହ, ଭରତ ଚନ୍ଦ୍ର ମାଝି, ସୁବାସ ଚନ୍ଦ୍ର ପଟ୍ଟନାୟକ, ଗୋପାଳ ଚନ୍ଦ୍ର ନାଏକ ଯୋଗଦେଇଥିଲେ। କଲେଜ ଅଧ୍ୟକ୍ଷ ଗୋକୁଳାନନ୍ଦ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଲେଜ ଅଧାପକ/ଅଧାପିକାଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଗାଡ଼ିରୁ ପଡି ଚାଳକ ଗୁରୁତର

ଛେଣ୍ଡିପଦା,୮।୧୧(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଦେଇ ଯାଇଥିବା ଅନୁଗୋଳ-ଛେଣ୍ଡିପଦା ୬୩ନଂ ରାଜ୍ୟ ରାଜପଥର ଗୁଡିମଡା ଜଙ୍ଗଲ ମଝିରେ ହୋଇଥିବା ହମ୍ପସରେ ଭାରସାମ୍ୟ ହରାଇ ମୋଟରସାଇକେଲରୁ ଖସିପଡିବାରୁ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ପିପଳବାହାଳ ଗ୍ରାମର ଡିଲ ନାଏକ। ପ୍ରକାଶ ଯେ, ପିପଳବାହାଳ ଗ୍ରାମର ଡିଲ ନାଏକ ଗ୍ରାମରୁ ଏକ ମୋଟରସାଇକେଲର ଅନୁଗୋଳ ଯାଉଥିବା ବେଳେ ଛେଣ୍ଡିପଦା ଗୁଡିମଡା ଜଙ୍ଗଲ ମଝିରେ ହୋଇଥିବା ହମ୍ପସରେ ଭାରସାମ୍ୟ ହରାଇ ରାସ୍ତା ଉପରେ ପଡି ଯାଇଥିଲେ। କେତେଜଣ ଲୋକ ଗୁରୁତର ଅବସ୍ଥାରେ ଡିଲଙ୍କୁ ଉଦ୍ଧାର କରି ଛେଣ୍ଡିପଦା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା କରିବା ପରେ ଡାକ୍ତର ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି।

## ବଳରାମ ମନ୍ଦିରରେ ସ୍ୱତନ୍ତ୍ର ନୀତି

ଢେଙ୍କାନାଳ ଅଫିସ, ୮।୧୧

ଢେଙ୍କାନାଳର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀବଳରାମଙ୍କ ପୀଠରେ ମଙ୍ଗଳବାର ଗ୍ରହଣ ଉପଲକ୍ଷେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଛି। ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ସନ୍ଧ୍ୟା ୬ଟା ୨୦ରେ ଗ୍ରହଣ ସର୍ବମୋକ୍ଷ ହେବା ପରେ ଦ୍ୱାର ଫିଟା ସହ ନୀତି ଆରମ୍ଭ ହୋଇଥିଲା। ମନ୍ତ୍ର ଉଚ୍ଚାରଣ ପୂର୍ବକ ପଞ୍ଚାମୃତରେ ମନ୍ଦିର ପରିସର ଏବଂ ଠାକୁରଙ୍କ ଆସ୍ଥାନକୁ ଶୁଦ୍ଧି କରାଯାଇଥିଲା। ଏହାପରେ ଅନ୍ୟାନ୍ୟ ନୀତିକାନ୍ତି ଆରମ୍ଭ ହୋଇଥିଲା। ପୂଜକ ଶ୍ରୀବସ୍ତ ମିଶ୍ର, ସେବକ ଶମ୍ଭୁନାଥ ମହାପାତ୍ର, ଟିକନ ବେହେରା, ଜିମାଦାର ଶ୍ୟାମସୁନ୍ଦର ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।


ଗ୍ରହଣ ମୋକ୍ଷ ପରେ ଠାକୁରଙ୍କ ପୂଜାର୍ଚ୍ଚନା।

# ମହାଚଣ୍ଡୀ ଯଜ୍ଞ ଉଦ୍‌ଯାପିତ


ମା'ଙ୍କ ପୀଠରେ ଆୟୋଜିତ ମହାଚଣ୍ଡୀ ଯଜ୍ଞରେ ଘୃତାହୂତି ପ୍ରଦାନ କରାଯାଉଛି।

ତାଳଚେର,୮।୧୧(ନି.ପ୍ର)

ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ଗୋପାଳପ୍ରସାଦ ପୀଠ ପରିସରରେ ଚାଲିଥିବା ମହାଚଣ୍ଡୀ ଯଜ୍ଞ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ମା' ହିଙ୍ଗୁଳାଙ୍କ ଷୋଡ଼ଶ ଉପଚାର ପୂଜା, ଚଣ୍ଡୀ ମହାଯଜ୍ଞ ଓ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ସମ୍ପନ୍ନ କରାଯାଇଥିଲା। ରାଜଗୁରୁ ପଙ୍କଜ ଲୋଚନ ପତିଙ୍କ ପୌରହିତ୍ୟରେ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ଶତପଥୀ, ଗୋପାଳ ଚନ୍ଦ୍ର ଷଡ଼ଙ୍ଗୀ, ସୁବାସ ଚନ୍ଦ୍ର ନନ୍ଦ, ଚନ୍ଦ୍ରଶେଖର ମହାପାତ୍ର, ପବିତ୍ର ନାଥ, ମୀନକେତନ ମିଶ୍ର, ରାନୁରାଜ ପାଣି, ସୁନୀଲ ରଥ, ଅଶ୍ୱିନୀ ମିଶ୍ର, ମିଲନ ଦାସ, ସୁରେଶ ଧର, ବୁଦ୍ଧଦେବ ଦ୍ୱିବେଦୀ, ହୃଦୟ ଚନ୍ଦ୍ର ଶତପଥୀ, କିଶୋର ଚନ୍ଦ୍ର ଦେହୁରୀ, ସୁବାସ ନନ୍ଦ ପ୍ରମୁଖ ପରିଚାଳନା କରିଥିଲେ। କର୍ତ୍ତା ଭାବେ ଏମ୍‌ସିଏଲ୍ ହିଙ୍ଗୁଳା କ୍ଷେତ୍ର ମହାପ୍ରବନ୍ଧକ ଅରୁଣ କୁମାର ସ୍ୱର୍ଣ୍ଣକର ଏବଂ ସ୍ତ୍ରୀ ନିର୍ମଳା ସ୍ୱର୍ଣ୍ଣକର, ହିଙ୍ଗୁଳା ପ୍ରକଳ୍ପ ଅଧିକାରୀ ଅଜୟ କୁମାର ସିଂହ, ସ୍ତ୍ରୀ ମନିଷା ସିଂହ, ହିଙ୍ଗୁଳା ଖଣି ପ୍ରବନ୍ଧକ ଶଶୀପ୍ରସାଦ, ସ୍ତ୍ରୀ ପିଙ୍କି ପ୍ରସାଦ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ। ପୂର୍ଣ୍ଣାହୂତି କାର୍ଯ୍ୟକ୍ରମରେ ତାଳଚେର ରାଜା ରାଜେନ୍ଦ୍ର ବୀରବର ଦେବ, ସ୍ଥାନୀୟ ବିଧାୟକ ବ୍ରଜକିଶୋର ପ୍ରଧାନ, ତାଳଚେର ଉପଜିଲାପାଳ ବିଶ୍ୱରଞ୍ଜନ ରଥ, କଣିହାଁ କ୍ଷେତ୍ର ମହାପ୍ରବନ୍ଧକ ପ୍ରମୁଖ ଉପସ୍ଥିତ ଥିଲେ। ହିଙ୍ଗୁଳା ଟ୍ରଷ୍ଟବୋର୍ଡର ବରିଷ୍ଠ ସଦସ୍ୟ ଜଗନ୍‌ମୋହନ ଗଡନାୟକ, ସୌଭାଗ୍ୟ ଚନ୍ଦ୍ର ସାହୁ, ମୁରଲୀଧର ସାହୁ, ରାଜେନ୍ଦ୍ର ସିଂହ, ସନ୍ତୋଷ ପ୍ରଧାନ, ଅରୁଣ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ଗଣ୍ଡଗୋଳରେ ମହିଳା ଗୁରୁତର

ଛେଣ୍ଡିପଦା,୮।୧୧(ସ୍ୱ.ପ୍ର.): ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ବାଗଡିଆ ଗ୍ରାମରେ ବାଡିରେ ଫସଲ ନଷ୍ଟକୁ କେନ୍ଦ୍ରକରି ଉଭୟ ପରିବାର ମଧରେ ଗଣ୍ଡଗୋଳ ହେବାରୁ ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ବାଗଡିଆ ଗ୍ରାମର ପତି ସାହୁଙ୍କ ସ୍ତ୍ରୀ ପାନ ସାହୁ ବୋଲି ଜଣାପଡିଛି। ପୋଲିସ କହିଛି, ସୋମବାର ବାଗଡିଆ ଗ୍ରାମର ପତି ସାହୁଙ୍କ ବଳଦ ଭଜ ସାହୁଙ୍କ ବିଲରୁ ଫସଲ ଖାଇବାକୁ କେନ୍ଦ୍ରକରି ଉଭୟ ପରିବାର ମଧରେ ତୀବ୍ର ବଚସା ହୋଇଥିଲା। ଏହି ସମୟରେ ପତି ସାହୁଙ୍କ ସ୍ତ୍ରୀ ପାନ ଉଭୟଙ୍କୁ ବାରଣ କରିବା ସହ ଫସଲର ଭରଣପୋଷଣ ଦେବା ପାଇଁ କହୁଥିବା ବେଳେ ପଡ଼ୋଶୀ ଲିଙ୍ଗ ସାହୁ ଉସୁକାଇଥିଲେ। ପାନ ଗାଳିଗୁଲଜ କରିବାରୁ ଲିଙ୍ଗଙ୍କ ପରିବାର ଓ ପତିଙ୍କ ପରିବାର ମଧରେ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଲିଙ୍ଗ ଇଟା ଫୋପାଡ଼ିବାରୁ ପାନଙ୍କ ମୁଣ୍ଡ ଫାଟି ଯାଇଥିଲା ବୋଲି ପାନଙ୍କ ପରିବାର ଲୋକେ ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ ନଂ. ୫୫୬/୨୨ରେ ଏକ ମାମଲା ରୁଜୁ କରାଯିବା ସହ ଲିଙ୍ଗଙ୍କୁ ଗିରଫ କରାଯାଇଥିବା ପୋଲିସ କହିଛି।

## ଛେଣ୍ଡିପଦା ଅଞ୍ଚଳରେ କାର୍ତ୍ତିକେଶ୍ୱର ପୂଜା

ଛେଣ୍ଡିପଦା,୮।୧୧(ସ୍ୱ.ପ୍ର)

ଛେଣ୍ଡିପଦା ବ୍ଲକର ବିଭିନ୍ନ ଗ୍ରାମରେ କାର୍ତ୍ତିକେଶ୍ୱର ପୂଜା ପାଳିତ ହେଉଛି। ବିଶେଷକରି ବାଗଡିଆ, ଖମାର, ଜରପଡା, ରାଇଝରଣ, ପରଙ୍ଗ, ଓ୍ୱୁକୁଡା, ଜେରେଙ୍ଗ, ପରା, କୋରଡା, ମାଛକୁଟା ପଞ୍ଚାୟତର ବିଭିନ୍ନ ଗ୍ରାମରେ କାର୍ତ୍ତିକେଶ୍ୱର ପୂଜା ପାଳନ କରାଯାଉଛି। ବିଭିନ୍ନ ବଜାରରେ ସୁସଜ୍ଜିତ ପୂଜା ମଣ୍ଡପରେ କାର୍ତ୍ତିକେଶ୍ୱରଙ୍କ ମୃଣ୍ମୟୀମୂର୍ତ୍ତି ସ୍ଥାପନା କରାଯାଇ ଯଥାବିଧି ପୂଜାର୍ଚ୍ଚନା ହେଉଛି। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସକାଳୁ କଳସ ଯାତ୍ରା କରାଯାଇ ପ୍ରତ୍ୟେକ ଦିନ ହୋମଯଜ୍ଞ, ନାମସଂକୀର୍ତ୍ତନ, ପ୍ରସାଦସେବନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଛେଣ୍ଡିପଦା ସଦର ମହକୁମାରର ତହସିଲ କାର୍ଯ୍ୟାଳୟ ପାଖ ମେଲଣ ପଡିଆରେ ଛେଣ୍ଡିପଦା ବିକାଶ ସମିତି ପକ୍ଷରୁ କାର୍ତ୍ତିକେଶ୍ୱର ପୂଜା ପାରମ୍ପରିକ ନୀତିରେ ପାଳିତ ହେଉଛି। ପୂଜା କମିଟି ସଭାପତି ସୁବାସ ଚନ୍ଦ୍ର ପ୍ରଧାନ, ସମ୍ପାଦକ ବିଷ୍ଣୁଚରଣ ବେହେରାଙ୍କ ନେତୃତ୍ୱରେ ଅନ୍ୟମାନଙ୍କ ମଧ୍ୟରେ ଗୋବର୍ଦ୍ଧନ ବେହେରା, ଲମ୍ବୋଦର ପ୍ରଧାନ, କପିଳେଶ୍ୱର ସାହୁ, ଅମରକିଶୋର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ବୁଧବାର ଠାକୁରଙ୍କ ବିସର୍ଜନ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଛି। ବିଭିନ୍ନ ପୂଜା ମଣ୍ଡପ ଗୁଡିକରେ ପୂଜା କମିଟି ଏବଂ ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଛି।



# ମଦ ବିରୋଧରେ ମୋର୍ଚ୍ଚା


ମହିଳାମାନେ ମଦ ଛଡ଼ାଇ ରଖିଛନ୍ତି।

କାମାକ୍ଷାନଗର, ୮।୧୧(ଡି.ଏନ୍.ଏ.)

ମଦରେ ଗାଁ ଭାସୁଛି। ଯୁବପିଢ଼ି ପଥଭ୍ରଷ୍ଟ ହେଉଛନ୍ତି। ନିଶାଡ଼ିମାନଙ୍କ ପାଇଁ ଦୈନିକ ଛୋଟବଡ଼ ଗଣ୍ଡଗୋଳ ଘଟି ଗାଁରେ ଶାନ୍ତି ଭଙ୍ଗ ହେଉଛି। ଘରୋଇ ହିଂସା ବଢୁଛି। ଏହାର ପ୍ରତିକାର କରିବା ଲାଗି ପୋଲିସ କିମ୍ବା ଅବକାରୀ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଏହାର ପ୍ରତିବାଦରେ ମୋର୍ଚ୍ଚା ଖୋଲିଛନ୍ତି ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ମହୁଲପାଳ ପଞ୍ଚାୟତ ଶବରସାହିର ମହିଳା ଗୋଷ୍ଠୀ। ସେମାନେ ମଦ ବ୍ୟବସାୟୀଙ୍କୁ ଧରି ପୋଲିସ ଜିମା ଦେଇଛନ୍ତି। ଆଗାମୀ ଦିନରେ ଜିଲା ପୋଲିସ, ଅବକାରୀ ବିଭାଗ ଏଥିରେ ହସ୍ତକ୍ଷେପ ନ କଲେ ଯେଉଁ ଭୟାବହ ପରିସ୍ଥିତି ସୃଷ୍ଟି ହେବ, ସେଥିଲାଗି ପ୍ରଶାସନ ଦାୟୀ ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, କେବଳ ସରକାରୀ ଲାଇସେନ୍ସପ୍ରାପ୍ତ ଭାଟିରେ ମଦ ବିକ୍ରି କରିବାକୁ ଅନୁମତି ରହିଛି। ହେଲେ ଏହାକୁ ଉଲ୍ଲଂଘନ କରି ଭାଟି ବ୍ୟବସାୟୀ ଲୋକ ଲଗାଇ ପଞ୍ଚାୟତର ଗାଁ ଗାଁରେ ମଦ ପହଞ୍ଚାଉଛନ୍ତି। ମଙ୍ଗଳବାର ଜଣେ ବ୍ୟବସାୟୀ ମଦ ନେଇ ଶବରସାହିକୁ ଆସିଥିବାବେଳେ ଏହାକୁ ମହିଳା ଗୋଷ୍ଠୀ ବିରୋଧ କରିଥିଲେ। ମଦ ଛଡ଼ାଇ ରଖିବା ସହ ସମ୍ପୃକ୍ତ କର୍ମଚାରୀଙ୍କୁ ଅଟକ ରଖିଥିଲେ। ଏହାକୁ ନେଇ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଦେଇଥିଲା। ପୋଲିସ ପହଞ୍ଚି ଅଟକ କର୍ମଚାରୀଙ୍କୁ ଉଦ୍ଧାର କରି ଥାନାକୁ ଆଣିଛି।

ଏ ସଂକ୍ରାନ୍ତରେ ଥାନାଧିକାରୀ ଶରତ ଚନ୍ଦ୍ର ମହାଳିକ କୁହନ୍ତି, ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ତଥାପି କେତେଜଣ ମଦ ବ୍ୟବସାୟୀ ଚୋରା କାରବାର ଚଳାଇଛନ୍ତି। ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅଟକ କର୍ମଚାରୀଙ୍କ ନାମରେ ମାମଲା ରୁଜୁ କରାଯାଇଥିବା ସେ ସୂଚନା ଦେଇଛନ୍ତି।

### ଭାଟି କର୍ମଚାରୀଙ୍କୁ ପୋଲିସ ଜିମା ଦେଲେ ମହିଳା

# ବୈଠକରେ ବାହାରିଲା ସମାଧାନ ପନ୍ଥା


ବୈଠକରେ ବିଧାୟକ, ପୋଲିସ ଓ ଅନ୍ୟ ଅଧିକାରୀଙ୍କ ସହ କମିଟି କର୍ମକର୍ତ୍ତା।

ଛେଣ୍ଡିପଦା,୮।୧୧(ସ୍ୱ.ପ୍ର.)

ଅନୁଗୋଳ-ଛେଣ୍ଡିପଦା ୬୩ନଂ ରାଜ୍ୟ ରାଜପଥରେ ଅତ୍ୟଧିକ ଭାରିଯାନ ଚଳାଚଳ କରୁଥିବାରୁ ରାସ୍ତା ଅବସ୍ଥା ଶୋଚନୀୟ ହେବା ସହ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଏହାର ପ୍ରତିବାଦରେ କୋଶଳା ମିଳିତ ଯୁବ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ କେବଳ କୋଇଲା ଗଡି ଚଳାଚଳ ବନ୍ଦ କରାଯାଇଥିଲା। ତେବେ ଏହାର ସମାଧାନପାଇଁ ମଙ୍ଗଳବାର ବିଧାୟକ ସୁଶାନ୍ତ କୁମାର ବେହେରା ନେତୃତ୍ୱରେ କୋଶଳା ଠାରେ ଛେଣ୍ଡିପଦା ଥାନା ଅଧିକାରୀ ଧୀରେନ କୁମାର ବେହେରା, କୋଶଳା ସରପଞ୍ଚ ଉଦିତ କୁମାର ପ୍ରଧାନ, କୋଶଳା ମିଳିତ ଯୁବ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା ଓ ଟ୍ରକର ମାଲିକଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ସମୟ ଧରି ଆଲୋଚନା ପରେ ସମାଧାନର ବାଟ ବାହାରିଥିଲା। ରାତି ୧୦ଟାରୁ ସକାଳ ୬ଟା ପର୍ଯ୍ୟନ୍ତ କୋଇଲା ବୋଝେଇ ଭାରିଯାନ ଗାଡି ୧୦ ଦିନ ଚଳାଚଳ କରିବ ଏବଂ ଏହି ସମୟରେ ରଜ୍ୟ ରାଜପଥର ମରାମତି କାମ କରାଯିବ। ମରାମତି ପରେ ପୂର୍ବରୁ ଯେପରି ଦିନରେ ୩ଘଣ୍ଟା ଚାଲୁଥିଲା ସେହିପରି ଚଳାଚଳ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି ଛେଣ୍ଡିପଦା ଥାନା ଅଧିକାରୀ ଧୀରେନ ବେହେରା ପ୍ରକାଶ କରିଛନ୍ତି। ୧୦ଦିନ ମଧରେ ପ୍ରଶାସନ କ୍ରିୟାନୁଷ୍ଠାନ କମିଟିର ଦାବି ପୂରଣ ନ କଲେ ରାଜପଥରେ ଭାରିଯାନ ଚଳାଚଳ ବନ୍ଦ କରାଯିବ ବୋଲି କମିଟି ପକ୍ଷରୁ କଡା ଚେତାବନୀ ଦିଆଯାଇଛି।

### ରାଜ୍ୟ ରାଜପଥରେ ଅତ୍ୟଧିକ ଭାରିଯାନକୁ ବିରୋଧ ଘଟଣା





ଅନୁଗୋଳ ଜିଲା ତାଳଚେରସ୍ଥିତ ଏମ୍‌ସିଏଲ୍‌ର ବ୍ଲାକ୍ ଡାଇମଣ୍ଡ ଷ୍ଟାଡିୟମରେ ବାଜି ରାଉତ କପ୍ ଜାତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ଗୋଆ ଓ ରାଜସ୍ଥାନ ମଧ୍ୟରେ କେତୋଟି ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।



ଖେଳାଳି ଓ ଦର୍ଶକଙ୍କୁ ଉତ୍ସାହିତ କରିବାକୁ ଉପସ୍ଥିତ ଓଲିଉଡ୍ ଷ୍ଟାର ଦମ୍ପତି ଅର୍ଚ୍ଚିତା ଓ ସବ୍ୟସାଚୀ।




ହିରୋ ଅଫ୍ ଦି ମ୍ୟାଚ ରାଜସ୍ଥାନର ଗୋଲ କିପର ମହମ୍ମଦ ରଫିକ୍




ହିରୋ ଅଫ୍ ଦି ଟୁର୍ନାମେଣ୍ଟ ରାଜସ୍ଥାନର ଅଧିନାୟକ ମାର୍ଟିନ ସବେସ୍।

# 'ଉତ୍ସାହ ବଢ଼ାଇଛି ଜାତୀୟସ୍ତରର ଟୁର୍ନାମେଣ୍ଟ'

ତାଳଚେର/ଅନୁଗୋଳ ଅଫିସ, ୮।୧୧

ଢେଙ୍କାନାଳ ଷ୍ଟାଡିୟମରେ ଗତ ୩ ତାରିଖରେ ଉଦ୍‌ଘାଟିତ ହୋଇଥିବା ବାଜି ରାଉତ କପ୍ ଜାତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାର ଫାଇନାଲ ମ୍ୟାଚ ତାଳଚେରସ୍ଥିତ ଏମ୍‌ସିଏଲ୍‌ର ବ୍ଲାକ ଡାଇମଣ୍ଡ ଷ୍ଟାଡିୟମରେ ଖେଳାଯାଇଥିବା ବେଳେ ହଜାର ହଜାର ଦର୍ଶକ ଉପସ୍ଥିତ ରହି ଖେଳ ଉପଭୋଗ କରିଥିଲେ। ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଥିଲେ ଯେ, ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ ସହଯୋଗରେ ତଥା ଆମେ ଓଡ଼ିଆ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ଜାତୀୟ ସ୍ତରୀୟ ଫୁଟବଲ ପ୍ରତିଯୋଗିତା ଯୁବବର୍ଗଙ୍କୁ ନୂଆ ଉତ୍ସାହ ଦେବା ସହ ସେମାନଙ୍କ ମଧ୍ୟରେ ଖେଳୁଆଡ ମନୋବୃତ୍ତି ବଢ଼ାଇଛି। ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ମାଟିରେ ଦେଶର ସର୍ବକନିଷ୍ଠ ସ୍ୱାଧୀନତା ସଂଗ୍ରାମୀ ଶହୀଦ ବାଜି ରାଉତଙ୍କ ନାଁରେ ଏହି ଜାତୀୟସ୍ତରୀୟ ଟୁର୍ନାମେଣ୍ଟର ଆୟୋଜନ ବହୁତ ଖୁସି ଦେଇଛି। ପ୍ରଥମ ଥର ପାଇଁ ଆୟୋଜିତ ଏହି ଜାତୀୟସ୍ତରର ପ୍ରତିଯୋଗିତା ଢେଙ୍କାନାଳ, ଅନୁଗୋଳ ଓ ତାଳଚେର ଅଞ୍ଚଳର ମର୍ଯ୍ୟାଦା ବଢ଼ାଇବା ସହ ଯୁବବର୍ଗଙ୍କୁ ଫୁଟବଲ ଖେଳିବା ପାଇଁ ପ୍ରେରିତ କରିଥିବା କେନ୍ଦ୍ରମନ୍ତ୍ରୀ କହିଥିଲେ। ଏମ୍‌ସିଏଲ୍‌ର ଏହି ବ୍ଲାକ୍ ଡାଇମଣ୍ଡ ଷ୍ଟାଡିୟମରେ ପ୍ରାୟ ୨୫ ବର୍ଷ ପରେ ଜାତୀୟସ୍ତରୀୟ ମ୍ୟାଚ ଆୟୋଜନ ହୋଇଥିବାରୁ ଏହାକୁ ଦେଖିବାକୁ ଜିଲାର କୋଣ ଅନୁକୋଣରୁ ଯୁବପିଢ଼ି, ଛାତ୍ରୀଛାତ୍ର, କ୍ରୀଡ଼ାପ୍ରେମୀମାନେ ପହଞ୍ଚିଥିଲେ। ଫଳରେ ଦର୍ଶକଙ୍କ ଗହଳିରେ ଷ୍ଟାଡିୟମ ସମ୍ପୂର୍ଣ୍ଣ ଭରିଯାଇଥିଲା। ଟୁର୍ନାମେଣ୍ଟକୁ ସଫଳ ଭାବେ ପରିଚାଳନା କରିଥିବାରୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଆୟୋଜକ ଆମେ ଓଡ଼ିଆ ଫାଉଣ୍ଡେଶନ ଟ୍ରଷ୍ଟର ସଦସ୍ୟମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହାସହ ଏଥିରେ ସହଯୋଗୀ ହୋଇଥିବା ସର୍ବଭାରତୀୟ ଫୁଟବଲ ମହାସଂଘ, ଓଡ଼ିଶା ଫୁଟବଲ ସଂଘ, ଅନୁଗୋଳ ଓ ଢେଙ୍କାନାଳର ଜିଲା ପ୍ରଶାସନ, ଜିଲା ଆଥଲେଟିକ୍ ଆସୋସିଏଶନ, ତାଳଚେରର ସବ୍‌ଡିଭିଜନାଲ ଆଥଲେଟିକ୍ ଆସୋସିଏଶନ, ସ୍ୱେଚ୍ଛାସେବୀଙ୍କୁ କେନ୍ଦ୍ରମନ୍ତ୍ରୀ କୃତଜ୍ଞତା ଜଣାଇଥିଲେ। ମ୍ୟାଚ ଆୟୋଜନ କରିଥିବା ଆମେ ଓଡ଼ିଆ ଫାଉଣ୍ଡେଶନ ଟ୍ରଷ୍ଟ ସମ୍ପାଦକ ସଂଗ୍ରାମ ରାଉତ ଓ ଅନୁଗୋଳ ଜିଲା କ୍ରିକେଟ ଆସୋସିଏଶନ ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ, ବରିଷ୍ଠ ଭାଜପା ନେତା କାଳନ୍ଦୀ ସାମଲ, ସଞ୍ଜୀବ ସାହୁ, ଉପସ୍ଥାପିକା ଭାବେ ଶୋଭନା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଓଲିଉଡ୍ ଅଭିନେତ୍ରୀ ଅର୍ଚ୍ଚିତା ଓ ଅଭିନେତା ସବ୍ୟସାଚୀ ଖେଳାଳି, ଦର୍ଶକଙ୍କୁ ଉତ୍ସାହିତ କରିବାକୁ ଷ୍ଟାଡିୟମରେ ଉପସ୍ଥିତ ଥିଲେ। ଏହି ଅବସରରେ ମ୍ୟାଚ କମିଶନର ଜେ.ପି. ସିଂ, ରେଫରି ସୁନନ୍ଦ ଘୋଷ, ଓଡ଼ିଶା ଫୁଟବଲ ଆସୋସିଏଶନର ମୁଖ୍ୟ ରେଫରି ଦୁର୍ଗାମାଧବ ନାୟକଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ସେହିପରି ମ୍ୟାଚ ପରିଚାଳନା କରିଥିବା ଶ୍ରୀକାନ୍ତ ବହିଦାର, ସୁବ୍ରତ ପୁରୋହିତ, ସୋମନାଥ ବାନାର୍ଜୀ, ତୁମୁଲି ଜୟସିଂହ, ମନୋଜ କୁମାର ସାହୁ , ନିଶାନ୍ତ ବେଙ୍ଗରା, ନିପେନ ହଲଦେବ, ରୋଜିତ ମିତେଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା।



ଦୁଇ ଦଳର ଖେଳାଳିଙ୍କ ସହ ଅତିଥି ଭାବେ ଯୋଗ ଦେଇଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଏଆଇଏଫ୍‌ଏଫ୍ ସଭାପତି କଲ୍ୟାଣ ଚୌବେ ପ୍ରମୁଖ।





ଫାଇନାଲ ମ୍ୟାଚ ଦେଖିବାକୁ ବ୍ଲାକ ଡାଇମଣ୍ଡ ଷ୍ଟାଡିୟମରେ ଭରପୂର ଦର୍ଶକ। (ଫଟୋ- ବୁବୁ)

# ଅମଲାମାନଙ୍କ ଦାବି ନେଇ ଜରୁରୀ ବୈଠକ

ଅନୁଗୋଳ ଅଫିସ, ୮।୧୧

ଓଡ଼ିଶା ଅମଲା ସଂଘ ତରଫରୁ ଆସନ୍ତା ୨୭ ତାରିଖରେ ରାଜ୍ୟ ଅମଲା ସଂଘ ମିଶନ ଗ୍ରେଡ୍ ପେ ୪୨୦୦ ନେଇ ଗଣସମାବେଶ ଅନୁଷ୍ଠିତ ହେବ। ଏଥିରେ ଯୋଗଦେବା ପାଇଁ ଅନୁଗୋଳ ଶାଖାର ଏକ ଜରୁରୀ ବୈଠକ ଜିଲା କୃଷି ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲାର ସମସ୍ତ ବିଭାଗରୁ ବହୁ ସଂଖ୍ୟକ ଅମଲା ଯୋଗଦାନ କରିଥିଲେ। ଉକ୍ତ ବୈଠକରେ ଜିଲା ସଭାପତି ସର୍ବାନନ୍ଦ ଶତପଥୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ମିଶନ ଗ୍ରେଡ୍ ପେ ୪୨୦୦ ଉପରେ ଆଲୋକପାତ କରାଯାଇଥିଲା। ଏଥିସହ ଜିଲାସ୍ତରୀୟ ଅମଲାମାନଙ୍କ ଶିକ୍ଷାଗତ ଯୋଗ୍ୟତା ଆଧାରରେ ଏହା ନ୍ୟାଯ୍ୟ ଦାବି ବୋଲି ବିବେଚନା କରାଯାଇ ଆସନ୍ତା ୧୫ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ ନିମନ୍ତେ ପ୍ରସ୍ତାବ ଗୃହୀତ କରାଯାଇଥିଲା। ଜିଲାସ୍ତରୀୟ ଅମଲାମାନଙ୍କ କ୍ଷେତ୍ରରେ ସମାନ ଶିକ୍ଷାଗତ ଯୋଗ୍ୟତା ଥାଇ ଅନ୍ୟ ବର୍ଗର କର୍ମଚାରୀମାନଙ୍କୁ ଗ୍ରେଡ୍ ପେ ୪୨୦୦ ଦିଆଯାଉଥିବାବେଳେ ଜିଲାସ୍ତରୀୟ ଅମଲାମାନଙ୍କୁ ସର୍ବନିମ୍ନ ଗ୍ରେଡ୍ ପେ ୧୯୦୦ ପ୍ରଦାନ କରାଯାଉଛି। ସରକାରଙ୍କ ଏହି ପାତରଅନ୍ତର ନୀତିକୁ ବୈଠକରେ ଘୋର ନିନ୍ଦା କରାଯିବା ସଙ୍ଗେ ସଙ୍ଗେ ଅମଲାମାନଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଥିଲା। ସରକାର ଯଥାଶୀଘ୍ର ଦାବି ପୂରଣ କରିବା ନିମନ୍ତେ ପଦକ୍ଷେପ ନ ନେଲେ ସଂଘ ଆଗାମୀ ଦିନରେ ରାଜ୍ୟ ସଂଘ ଦେଇଥିବା ଡାକରାରେ ଯୋଗଦାନ କରି ଆନ୍ଦୋଳନମ୍ନକ ପନ୍ଥା ଅବଲମ୍ବନ କରିବ ବୋଲି କର୍ମକର୍ତ୍ତା ପ୍ୟାରୀ ମୋହନ ପ୍ରଧାନ, ନିପୁନ ନିରାଞ୍ଜନ ବିଶ୍ୱାଳ, ବସନ୍ତ କୁମାର ପାଢ଼ୀ, ଜିତେନ୍ଦ୍ର କୁମାର ସାହୁ, ଅବିନାଶ ପଣ୍ଡା ଓ ଅନ୍ୟ ସଦସ୍ୟମାନେ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି।




ବୈଠକରେ ଅନୁଗୋଳ ଶାଖା କର୍ମକର୍ତ୍ତାମାନେ।

# ଅତିଥିଙ୍କୁ ମିଳେନି ଆତିଥ୍ୟ



ଉପେନ୍ଦ୍ର ରାଉତ
ବଅଁରପାଳ, ୮।୧୧

- ■ମା' ଲୋଭୀଙ୍କ ଯାତ୍ରା ବେଳେ ନିଆରା ପରମ୍ପରା
- ■ତୁଳସୀପାଳ, ଗଡ଼ସନ୍ତ୍ରୀ ଚଳଚଞ୍ଚଳ
- ■୫ ଦିନ ଧରି ଚାଲିବ ମା'ଙ୍କ ଯାତ୍ରା

ଘରକୁ ଅତିଥି ଆସିଲେ ଅତ୍ୟନ୍ତ ଆନନ୍ଦର ସହ ଆତିଥ୍ୟ ପ୍ରଦାନ କରାଯାଏ। ଏହା ଆମ ପରମ୍ପରା ଓ ଚଳଣି। ହେଲେ ଅନୁଗୋଳ ଜିଲା ବଅଁରପାଳ ବ୍ଲକର ତୁଳସୀପାଳ ଓ ଗଡ଼ସନ୍ତ୍ରୀ ଗ୍ରାମରେ ମା' ଲୋଭୀ ଠାକୁରାଣୀଙ୍କ ଯାତ୍ରା ବେଳେ ଅତିଥିଙ୍କୁ କୌଣସି ଆତିଥ୍ୟ ପ୍ରଦାନ କରାଯାଏ ନାହିଁ। ଏହି ସମୟରେ ମା' ଗାଁର ଅତିଥି ହୋଇଥିବାରୁ ଅନ୍ୟ ଅତିଥିଙ୍କ ଆଦର ଯତ୍ନ କରାଯାଇ ନଥାଏ। ସୋମବାରଠାରୁ ଆରମ୍ଭ ହୋଇଥିବା ମା' ଲୋଭୀଙ୍କ ଯାତ୍ରା ବେଳେ ଏହି ପରମ୍ପରା ଏଠାରେ ଦେଖିବାକୁ ମିଳୁଛି।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ବଅଁରପାଳ ବ୍ଲକ ତୁଳସୀପାଳ ଓ ଗଡସନ୍ତ୍ରୀ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା' ଲୋଭୀ ଠାକୁରାଣୀ। ପ୍ରତିବର୍ଷ କାର୍ତ୍ତିକ ମାସରେ ମା'ଙ୍କ ବାର୍ଷିକ ଯାତ୍ରା ପାଳିତ ହୋଇଥାଏ। ଗତ ସୋମବାରଠାରୁ ମା'ଙ୍କ ୫ ଦିନିଆ ଯାତ୍ରା ଆରମ୍ଭ ହୋଇଛି। ଏହା ୧୧ ତାରିଖ ଯାଏ ଚାଲିବ। ଏଥିପାଇଁ ଉଭୟ ଗ୍ରାମ ଉତ୍ସବମୁଖର ହୋଇପଡ଼ିଛି। ଘରେ ଘରେ ବନ୍ଧୁ ବାନ୍ଧବଙ୍କ ଭିଡ଼ ଜମିଛି। କିନ୍ତୁ ପରମ୍ପରା ଅନୁଯାୟୀ କୌଣସି ଅତିଥିଙ୍କୁ ପରିବାର ଲୋକେ ସ୍ୱାଗତ କରି ନ ଥାନ୍ତି। ବନ୍ଧୁବାନ୍ଧବ ଘରକୁ ଆସିବା ପରେ ସେମାନଙ୍କୁ କେହି ପାଛୋଟି ଆଣନ୍ତି ନାହିଁ। ଗୋଡ଼ ଧୋଇଦେବା କି ତୁରନ୍ତ ଖାଦ୍ୟ ପରଷିଦେବା ଦେଖାଯାଏ ନାହିଁ। ଏହାଛଡ଼ା ଗ୍ରାମର କୌଣସି ବ୍ୟକ୍ତି କଳା ବସ୍ତ୍ର ପରିଧାନ କରନ୍ତି ନାହିଁ। ଗତ ୨ ବର୍ଷ ହେଲା କରୋନା ପାଇଁ ମା'ଙ୍କ ବାର୍ଷିକ ଯାତ୍ରା କେବଳ ନୀତିକାନ୍ତିରେ ସୀମିତ ରହିଥିଲା। ହେଲେ ଚଳିତବର୍ଷ ଧୁମ୍‌ଧାମରେ ପାଳନ କରାଯାଉଥିବାରୁ ଏହାକୁ ଦେଖିବାକୁ ଦୈନିକ ସହସ୍ରାଧିକ ଭକ୍ତଙ୍କ ଗହଳି ହେଉଛି। ଘରେ ଘରେ ପିଠାପଣା ହୋଇଥିବା ବେଳେ ଯାତ୍ରାସ୍ଥଳରେ ପଡ଼ିଥିବା ମିନାବଜାର, ଦୋଳି, ଫୁଡ୍ ଷ୍ଟଲ ଲୋକଙ୍କ ମନମୋହୁଛି। ବିଶେଷକରି ସନ୍ଧ୍ୟା ସମୟରେ ମିନାବଜାରରେ ପ୍ରବଳ ଗହଳି ଦେଖିବାକୁ ମିଳୁଛି। ଜିଲା ଓ ଜିଲା ବାହାରୁ ବହୁ ସଂଖ୍ୟାରେ ଭକ୍ତ ମା'ଙ୍କ ଦର୍ଶନ ପାଇଁ ଆସୁଛନ୍ତି। ଦୈନିକ ହଜାରେରୁ ଅଧିକ ଶିଶୁଙ୍କ ମୁଣ୍ଡନ କରାଯାଉଛି। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମକୁ ସମସ୍ତଙ୍କ ଅପେକ୍ଷା ରହିଛି। ବୁଧବାର ଦଣ୍ଡନାଚ ହେବ। ୨ ଦିନ ଧରି ଅପେରା ପରିବେଷଣ କରାଯିବ।

### ଗାଁରେ ଉତ୍ସବମୁଖର ପରିବେଶ



୨ ବର୍ଷ ପରେ ମା'ଙ୍କ ବାର୍ଷିକ ଯାତ୍ରା ଆଡ଼ମ୍ବରରେ ଆୟୋଜନ କରାଯାଇଥିବାରୁ ଗାଁ ପରିବେଶ ଉତ୍ସବମୁଖର ହୋଇପଡ଼ିଛି। ମା' ଲୋଭୀ ହେଉଛନ୍ତି ଗ୍ରାମର ଅଧିଷ୍ଠାତ୍ରୀ ଦେବୀ। ତେଣୁ ତାଙ୍କୁ ଆତିଥ୍ୟ ଦିଆଯାଉଥିବାରୁ ଅନ୍ୟ କାହାକୁ ଏହି ସମୟରେ ଆତିଥ୍ୟ ଦିଆଯାଏ ନାହିଁ।

-ବାଉରି ବନ୍ଧୁ ସାହୁ, ତୁଳସୀପାଳ

### ଆକର୍ଷଣୀୟ ହେବ ଅପେରା



ଚଳିତବର୍ଷ ମା'ଙ୍କ ଯାତ୍ରା ବେଳେ ପ୍ରଥମ ଥର ପାଇଁ ଅପେରା କାର୍ଯ୍ୟକ୍ରମ ରହିଛି। ଭଲ ଭଲ କଳାକାର ସେମାନଙ୍କ କଳା ପରିବେଷଣ କରିବାକୁ ଥିବାରୁ ଏହା ନିଶ୍ଚିତ ଆକର୍ଷଣୀୟ ହେବ। ଏହାକୁ ଦେଖିବା ପାଇଁ ବହୁ ଦର୍ଶକଙ୍କ ଗହଳି ଜମିବ।

-ସୁନୀଲ ମାଝି, ମନ୍ଦିର ଟ୍ରଷ୍ଟ ସଭାପତି

### ଯାତ୍ରାରେ ସାମିଲ ହୋଇ ଖୁସି ଲାଗୁଛି



ଦୀର୍ଘ ୨ ବର୍ଷ ପରେ ବିନା କଟକଣାରେ ମା'ଙ୍କ ଯାତ୍ରା ନିଶ୍ଚିତ ଖୁସିର କଥା। ଏଥିରେ ସାମିଲ ହୋଇପାରିଥିବାରୁ ଆନନ୍ଦ ଅନୁଭବ କରୁଛି। ମିନାବଜାର ବୁଲି କିଣାକିଣି କରିବା ସହ ଚାଟ୍, ଗୁପ୍‌ଚୁପ୍ ଓ ଆଇସକ୍ରିମ୍ ଆଦି ଖାଦ୍ୟର ମଜା ନେଉଛି।

-ଲିସା ସ୍ୱାଇଁ, ଶ୍ରଦ୍ଧାଳୁ

### କଳା ବସ୍ତ୍ର ପରିଧାନ ମନା



ମା' ହେଉଛନ୍ତି ଆମର ପ୍ରତ୍ୟକ୍ଷ ଦେବୀ। ତାଙ୍କର ବହୁ ମହିମା ରହିଛି। ସେଥିପାଇଁ ପରମ୍ପରା ଅନୁଯାୟୀ ଗାଁର କୌଣସି ଲୋକ କଳା ବସ୍ତ୍ର ପରିଧାନ କରନ୍ତି ନାହିଁ। ଦେବୀ କଳାବସ୍ତ୍ର ଓ କାଳଚୁଡ଼ି ବ୍ୟବହାର କରୁଥିବାରୁ ଅନ୍ୟ କେହି ଏହାକୁ ପିନ୍ଧନ୍ତି ନାହିଁ।

-ଅଞ୍ଜଳି ଭୋଇ, ସନ୍ତ୍ରୀ

